# NATIONAL NEWS BULLETIN (ODIA)

## 28 March - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ପରିସ୍ଥିତି ମଧ୍ୟରେ ଦେଶରେ ଅର୍ଥନୈତିକ, ବାଣିଜ୍ୟିକ ଓ ଶକ୍ତି ସ୍ଥିରତା ବଜାୟ ରଖି ନାଗରିକଙ୍କ ସ୍ୱାର୍ଥର ସୁରକ୍ଷା କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗର ଜିଲ୍ଲାରେ ଆଜି ନଏଡ଼ା ଆନ୍ତର୍ଜାତିକ ବିମାନ ବନ୍ଦରର ପ୍ରଥମ ପର୍ଯ୍ୟାୟର ଉଦ୍‌ଘାଟନ କରିବେ ଶ୍ରୀ ମୋଦୀ ।
- ଇରାନ୍‌ର ପ୍ରମୁଖ ଇସ୍ପାତ୍ ଶକ୍ତି ଓ ପରମାଣୁ ପ୍ରତିଷ୍ଠାନ ଉପରେ ପୁଣି ଇସ୍ରାଏଲ୍‌ର ଆକ୍ରମଣ ପରେ ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ।
- ହର୍ମୁଜ୍ ପ୍ରଣାଳୀ ଦେଇ ମାନବିକ ସହାୟତାକୁ ସହଜ ଏବଂ ତ୍ୱରାନ୍ୱିତ କରିବାକୁ ଇରାନ୍‌ର ସହମତି ।

ଏବଂ

- ବେଙ୍ଗାଲୁରୁରେ ଆଜିଠାରୁ ଆରମ୍ଭ ହେବ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ କ୍ରିକେଟ୍‌ର ୧୯ତମ ସଂସ୍କରଣ ।

# ପିଏମ୍-ସିଏମ୍-ୱେଷ୍ଟ ଏସିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ମଧ୍ୟରେ ଭାରତ ଅର୍ଥନୈତିକ ଏବଂ ବାଣିଜ୍ୟ ସ୍ଥିରତା ବଜାୟ ରଖିବା, ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା, ନାଗରିକଙ୍କ ସ୍ୱାର୍ଥର ସୁରକ୍ଷା କରିବା ଏବଂ ଶିଳ୍ପ ଓ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ସରକାରଙ୍କର ପ୍ରମୁଖ ପ୍ରାଥମିକତା। ପଶ୍ଚିମ ଏସିଆରେ ଚାଲିଥିବା ବିବାଦ ଏବଂ ଭାରତ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଦେଶର ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ଗତକାଲି ସନ୍ଧ୍ୟାରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏବଂ ଉପରାଜ୍ୟପାଳମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ମଧ୍ୟରେ ସତର୍କତା, ଆଗୁଆ ଯୋଜନା ଏବଂ ନିରନ୍ତ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେଶ ଉପରେ ଯେକୌଣସି ସମ୍ଭାବ୍ୟ ପ୍ରଭାବକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ସେ ଏକ ସମନ୍ୱିତ ଟିମ୍ ଇଣ୍ଡିଆ ଆଭିମୁଖ୍ୟ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଶ୍ରୀ ମୋଦୀ କହିଥିଲେ, ଟିମ୍ ଇଣ୍ଡିଆ ଭାବରେ ଏକାଠି କାମ କରି, ଆହ୍ୱାନଗୁଡ଼ିକର ସଫଳତାର ସହିତ ମୁକାବିଲା କରିପାରିବ।

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ କୋଭିଡ-ନାଇଣ୍ଟିନ୍ ମହାମାରୀ ସମୟରେ ଯେଭଳି ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ ରଖିବା ଏବଂ ପ୍ରତିବନ୍ଧକକୁ କମ୍ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିଥିଲେ, ଏବେ ସେଭଳି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ।

ଶ୍ରୀ ମୋଦି ରାଜ୍ୟଗୁଡ଼ିକୁ ଯୋଗାଣ ଶୃଙ୍ଖଳର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଏବଂ ମହଜୁଦକାରୀ ଓ କଳାବଜାରିଙ୍କ ବିରୋଧରେ କଠୋର ପଦକ୍ଷେ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

# ପିଏମ୍-ନୋଏଡ଼ା ଏୟାର୍‌ପୋର୍ଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତର ପ୍ରଦେଶର ଗୌତମ ବୁଦ୍ଧ ନଗର ଜିଲ୍ଲାର ଜେଓ୍ୱାରରେ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟର ଉଦଘାଟନ କରିବେ। ଏହି ଅବସରରେ, ଶ୍ରୀ ମୋଦି ବିମାନବନ୍ଦରର ଟର୍ମିନାଲ କୋଠାରେ ପରିଭ୍ରମଣ କରି ବିଭିନ୍ନ କାର୍ଯ୍ୟର ନିରିକ୍ଷଣ କରିବେ । ପରେ ଶ୍ରୀ ମୋଦୀ ସମାବେଶକୁ ଉଦ୍‌ବୋଧନ ଦେବେ ।

ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ଭାରତର ବିଶ୍ୱସ୍ତରୀୟ ବିମାନ ଚଳାଚଳ କେନ୍ଦ୍ର ହେବା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ବିମାନ ବନ୍ଦରକୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ପରେ ଦ୍ୱିତୀୟ ଅନ୍ତର୍ଜାତୀୟ ବିମାନବନ୍ଦର ଭାବରେ ବିକଶିତ କରାଯାଇଛି। ଦୁଇଟି ବିମାନବନ୍ଦର ସମନ୍ୱିତ ବିମାନ ଚଳାଚଳ ବ୍ୟବସ୍ଥା ଭାବରେ କାର୍ଯ୍ୟ କରିବ, ଯାହା ଫଳରେ ଭିଡ଼ ହ୍ରାସ ପାଇବା ସହ ଯାତ୍ରୀ କ୍ଷମତା ବୃଦ୍ଧି ପାଇବ ।

ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟକୁ ସରକାରୀ-ଘରୋଇ ଭାଗିଦାରିତା ଆଧାରରେ ପ୍ରାୟ ୧୧ ହଜାର ୨୦୦ କୋଟି ଟଙ୍କା ବିନିଯୋଗରେ ବିକଶିତ କରାଯାଇଛି। ପ୍ରାରମ୍ଭରେ ବାର୍ଷିକ ୧କୋଟି ୨୦ ଲକ୍ଷ ଯାତ୍ରୀ ପରିଚାଳନା କ୍ଷମତା ଓ ଏହାର ସମ୍ପୂର୍ଣ୍ଣ ବିକାଶ ପରେ ଏହି ସଂଖ୍ୟା ବାର୍ଷିକ ୭ କୋଟିକୁ ବୃଦ୍ଧି ପାଇବ । ଏଥିରେ ଏକ ତିନି ହଜାର ୯୦୦ ମିଟର ରନୱେ ରହିଛି, ଯାହା ଅଧିକ ଓସାର ବିଶିଷ୍ଟ ବିମାନ ପରିଚାଳନା କରିପାରିବ । ଯାତ୍ରୀ ପରିବହନ ସହ ବାର୍ଷିକ ଅଢ଼େଇ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ସାମଗ୍ରୀ ପରିଚାଳନା କରିବା ପାଇଁ ଏହି ବିମାନ ବନ୍ଦରରେ ବ୍ୟବସ୍ଥା କରାଯାଇଛି । ଯାହା ପରବର୍ତ୍ତୀ ସମୟରେ ୧୮ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇବ ।

## ପୁରୀ-ଅଏଲ୍ ଇଣ୍ଡିଆ

କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଅଏଲ୍ ଇଣ୍ଡିଆ ଲିମିଟେଡ୍‌କୁ ଗୋଟିଏ ଦିନରେ ସର୍ବାଧିକ ଦୈନିକ ତୈଳ ଏବଂ ଗ୍ୟାସ୍ ଉତ୍ପାଦନ ହାସଲ କରିବା ନେଇ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପୁରୀ କହିଛନ୍ତି, ଅଏଲ୍ ଇଣ୍ଡିଆ ଲିମିଟେଡ୍ ଗୁରୁବାର ଦିନ ଏକ ଲକ୍ଷ ୪୭ ହଜାର ୧୫୯ ବ୍ୟାରେଲ୍ ତୈଳ ଉତ୍ପାଦନ କରିଛି। ଭାରତ ତାର ଶକ୍ତି ଭିତ୍ତିଭୂମିକୁ ମଜବୁତ କରିବା ଏବଂ ଶକ୍ତି ନିର୍ଭରତା ବଜାୟ ରଖିବା ଲାଗି ପଦକ୍ଷେ ଗ୍ରହଣ କରିବା ଜାରି ରଖିଛି ବୋଲି ଶ୍ରୀ ପୁରୀ କହିଛନ୍ତି।

## ଇରାନ୍-ଇସ୍ରାଏଲ୍ ଆଟାକ୍

ଇରାନର ପ୍ରମୁଖ ଇସ୍ପାତ, ଶକ୍ତି ଏବଂ ପରମାଣୁ ପ୍ରତିଷ୍ଠାନ ଉପରେ ଗତ ରାତିରେ ଇସ୍ରାଏଲ୍ ଆକ୍ରମଣ କରିବା ପରେ ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଇଛି । ତେହେରାନ ଏହି ଆକ୍ରମଣକୁ ନିନ୍ଦା କରାଯିବା ସହ ସମ୍ପ୍ରତି ଜାରି ରହିଥିବା କୂଟନୈତିକ ପ୍ରୟାସକୁ ଏହା ଦୁର୍ବଳ କରିବ ବୋଲି କହିଛି ।

ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଗାଚି  ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଚେତାବନୀ ଦେଇଛନ୍ତି ଯେ ଇରାନର ଦୁଇଟି ବୃହତ ଇସ୍ପାତ କାରଖାନା ଏବଂ ସମ୍ବେଦନଶୀଳ ପରମାଣୁ ପ୍ରତିଷ୍ଠାନ ସମେତ ପ୍ରମୁଖ ଭିତ୍ତିଭୂମି ଉପରେ ଆକ୍ରମଣ ପରେ ତେହେରାନ ଇସ୍ରାଏଲ ଉପରେ କଠୋର ପଦକ୍ଷେପ ଗ୍ରହଣ କରିବ। ସେ କହିଛନ୍ତି, ଇସ୍ରାଏଲ ଇସ୍ପାତ କାରଖାନା, ଏକ ପାୱାର ପ୍ଲାଣ୍ଟ ଏବଂ ବେସାମରିକ ପରମାଣୁ ସ୍ଥାନ ଭଳି ପ୍ରମୁଖ ଶିଳ୍ପ ସମ୍ପତ୍ତି ଉପରେ ଆକ୍ରମଣ କରିଛି । ଏହା ଆମେରିକା ସହିତ ସମନ୍ୱୟରେ କରାଯାଇଥିବା ଅଭିଯୋଗ ହୋଇଛି।

ସୂଚନା ଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଶକ୍ତି କେନ୍ଦ୍ର ଗୁଡ଼ିକ ଉପରେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଆକ୍ରମଣ ନ କରିବା ବିଷୟ ଘୋଷଣା ହେବାର ଗୋଟିଏ ଦିନ ପରେ ଇସ୍ରାଏଲ୍ ଏହି ଆକ୍ରମଣ କରିଛି ।

ଅନ୍ୟ ପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନା ଚାଲିଛି ଏବଂ ଇରାନ ଅନେକ ତୈଳ ଟ୍ୟାଙ୍କରକୁ ହର୍ମୁଜ୍ ପ୍ରଣାଳୀ ଦେଇ ଅତିକ୍ରମ କରିବାକୁ ଅନୁମତି ଦେଇଛି।

ଇସ୍ରାଏଲୀ ସେନା ଦୁଇଟି ଇରାନୀ ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିବା ସ୍ପଷ୍ଟ କରିଛି। କେନ୍ଦ୍ରୀୟ ଇରାନର ଆରକ ନିକଟରେ ଥିବା ଖୋଣ୍ଡାବ ଭାରୀ ଜଳ ପ୍ରକଳ୍ପ ଉପରେ ଆକ୍ରମଣ ହୋଇଥିବା

କୁହାଯାଇଛି । ଏହି ଆକ୍ରମଣରେ ମୃତାହତ କିମ୍ବା ବିକିରଣ ସମ୍ପର୍କିତ ରିପୋର୍ଟ ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ।

ଅନ୍ୟ ପକ୍ଷରେ କେତେକ ଗଣମାଧ୍ୟମର ସୂଚନା ଅନୁଯାୟୀ ଇରାନର କ୍ଷେପଣାସ୍ତ୍ର ଆକ୍ରମଣରେ ଗତକାଲି ସାଉଦି ଆରବର ଏକ ବିମାନ ବନ୍ଦରରେ ୧୦ରୁ ଅଧିକ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ ଘଟିଛି ।

# ଇରାନ୍-ହର୍ମୁଜ୍

ଇରାନ ହର୍ମୁଜ୍ ପ୍ରଣାଳୀ ମାଧ୍ୟମରେ ମାନବିକ ସହାୟତାକୁ ସହଜ ଏବଂ ତ୍ୱରାନ୍ୱିତ କରିବାକୁ ରାଜି ହୋଇଛି । ଜାତିସଂଘରେ ଇରାନୀ ରାଷ୍ଟ୍ରଦୂତ ଅଲି ବାହାରେନି କହିଛନ୍ତି, ତେହେରାନ ଏହାର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ ସହ୍ୟ କରିବା ସତ୍ତ୍ୱେ, ମାନବିକ ସହାୟତା ଏବଂ କୃଷି ଉତ୍ପାଦ ଯୋଗାଣକୁ ହର୍ମୁଜ୍ ପ୍ରଣାଳୀ ଦେଇ ଅତିକ୍ରମ କରିବା ନେଇ ଜାତିସଂଘର ଅନୁରୋଧକୁ ଗ୍ରହଣ କରିଛି। ଏକ ମାସର ଯୁଦ୍ଧ ପରେ ଇରାନ୍‌ର ଏଭଳି ନିଷ୍ପତ୍ତି ସହାୟକ ହେବ ବୋଲି କୁହାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ, ଶ୍ରୀ ବାହାରେନି କହିଛନ୍ତି, ଏହି ପଦକ୍ଷେପ ମାନବିକ ପ୍ରୟାସକୁ ସମର୍ଥନ କରିବା ଏବଂ ବିଳମ୍ବ ନକରି ଆବଶ୍ୟକୀୟ ସହାୟତା ଲୋକଙ୍କ ପାଖରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଇରାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

# ଶାହା-ଏସ୍ଆଇଆର୍

ବରିଷ୍ଠ ବିଜେପି ନେତା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନର ଉଦ୍ଦେଶ୍ୟ ହେଉଛି ଜାଲ କାଗଜପତ୍ର ଆଧାରରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ଅନୁପ୍ରବେଶକାରୀଙ୍କ ନାମ ବାଦ ଦେବା। ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ ଏକ ଘରୋଇ ଗଣମାଧ୍ୟମ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ଏହି ପ୍ରକ୍ରିୟା ଭୋଟର ତାଲିକାର ଅଖଣ୍ଡତା ଏବଂ ସଠିକତା ସୁନିଶ୍ଚିତ କରିବ। ସେ କହିଛନ୍ତି ସାର୍ ପ୍ରକ୍ରିୟା ତାମିଲନାଡୁ ଏବଂ କେରଳମ ସମେତ ଅନ୍ୟ କେତେକ ରାଜ୍ୟରେ ସହଜରେ କାର୍ଯ୍ୟକାରୀ ହୋଇଥିବା ବେଳେ ପଶ୍ଚିମବଙ୍ଗରୁ ଅଭିଯୋଗ ଆସୁଛି ।

ଆସାମ ସମ୍ପର୍କରେ ଶ୍ରୀ ଶାହ କହିଛନ୍ତି, ସରକାର ଗତ କିଛି ବର୍ଷ ମଧ୍ୟରେ ସେଠାରେ ଶାନ୍ତି ଏବଂ ସ୍ଥିରତା ସୁନିଶ୍ଚିତ କରିଛନ୍ତି। ସେ କହିଛନ୍ତି, ୧୩ଟି ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି, ଯାହା ଫଳରେ ପ୍ରାୟ ୧୧ ହଜାର ବ୍ୟକ୍ତି ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟାସ୍ରୋତରେ ସାମିଲ ହୋଇଛନ୍ତି ।

# ପିଏମ୍‌-ମନ୍‌ କି ବାତ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍‌ କି ବାତ୍‌ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ତାଙ୍କର ୧୩୨ତମ ମନ କି ବାତ୍‌ କାର୍ଯ୍ୟକ୍ରମ ହେବ । ମନ କି ବାତ୍‌ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍‌ ଓ Newsonair  ମୋବାଇଲ୍‌ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍‌ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

# ଆଇପିଏଲ୍‌

ବେଙ୍ଗାଲୁରୁରେ ଇଣ୍ଡିଆନ୍‌ ପ୍ରିମିୟର ଲିଗ୍‌ – ଆଇପିଏଲ୍‌ କ୍ରିକେଟର ୧୯ତମ ସଂସ୍କରଣ ଆଜି ସନ୍ଧ୍ୟାରେ ଆରମ୍ଭ ହେବ। ଉଦଘାଟନୀ ମ୍ୟାଚ୍‌ରେ, ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ରୟାଲ୍‌ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ୍‌ ଅନୁଷ୍ଠିତ ହେବ । ଏହି ମ୍ୟାଚ୍‌ ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ରେ ଆରମ୍ଭ

ହେବ । ଦୁଇ ମାସ ଧରି ଚାଲିବାକୁ ଥିବା ଆଇପିଏଲ୍ ମଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।